# Akashvani, Sambalpur

## SAMBALPURI NEWS BULLETIN

### 14 November 2025 – 6.47- 6.52 am.

*******************************************

ନୂଆପଡ଼ା ବିଧାନସଭା ଭୋଟ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ବିଧାନ ସଭା ଉପନିର୍ବାଚନର ଆଉ କିଛି ସମିଆ ଉତ୍ରୁ ଭୋଟ୍ ଗନ୍ତି ମୂଲ୍ ହେବା । ନୂଆପଡ଼ା ନେସ୍‌ନାଲ୍ କଲେଜ୍ ପରିସର୍‌ନ ସଖାଲର୍ ୮ ବଜେନୁ ଭୋଟ୍ ଗନ୍ତି ହେବା । ପହେଲା ପୋଷ୍ଟାଲ୍ ବାଲାଟ୍ ଆଉ ତାର୍ ଉତ୍ରୁ ଇଭିଏମ୍ ଗନ୍ତି ହେବା । ମୋଟ୍ ୧୪ଟା ଟେବୁଲ୍ ନ ଗନ୍ତି ବ୍ୟବସ୍ଥା କରାଯାଇଛେ । ୩୫୮ଟା ବୁଥ୍ ଲାଗି ୨୬ ରାଉଣ୍ଡ ଗନ୍ତି ହେବା । ଇ ବାବ୍‌ଦେ ଆମର୍ ନୂଆପଡ଼ା ସମ୍ବାଦଦାତାଙ୍କର୍ ରିପୋର୍ଟ...

(ଭଏସ୍ ଓଭର୍- ନୂଆପଡ଼ା ସମ୍ବାଦଦାତା)

ସେଆଡ଼େ ବିହାର୍ ବିଧାନ୍‌ସଭା ନିର୍ବାଚନ୍ ସହେତେ ଦେଶର୍ ୮ ଟା ବିଧାନ୍‌ସଭା ଉପ ନିର୍ବାଚନ୍‌ର ଆଏଜ୍ ଭୋଟ୍‌ଗନ୍ତି ହେଇକରି ଫଲାଫଲ୍ ବାହାରିବା ।

ରାଷ୍ଟ୍ରପତି ଓଡ଼ିଶା ଗସ୍ତ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏବା ୨୭ ତାରିଖ୍ ଓଡ଼ିଶା ବିଧାନ୍‌ସଭାର୍ ଅଧିବେଶନ୍‌ର ପହେଲା ଦିନେ ଗୃହକେ ସମ୍ବୋଧିତ୍ କର୍‌ବେ । ରାଷ୍ଟ୍ରପତିଙ୍କର୍ ଗସ୍ତକେ ନେଇକରି ବାଚସ୍ପତି ସୁରମା ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ ।

ସେନ୍ତା ଆଏବା ୨୦ ତାରିଖ୍ ଦିନ ରାଷ୍ଟ୍ରପତି ସଖାଲର୍ ୧୦ ବାଜିକରି ୫ ମିନିଟ୍ ବେଲ୍‌କେ ଝାର୍‌ସୁଗୁଡ଼ା ବିମାନ୍ ବନ୍ଦର୍‌ଥି ପୁହୁଁଚିବେ । ଝାର୍‌ସୁଗୁଡ଼ାନୁ ସ୍ୱତନ୍ତ୍ର ବିମାନ୍‌ଥି ଛତିଶ୍‌ଗଡ଼୍ ଯିବେ । ଇ ଅବ୍‌ସରେ ସେନ ହେବାର୍‌କେ ଥିବା ଜନଜାତୀୟ ଗୌରବ ଦିବସ୍ ସମାରୋହଥି ରାଷ୍ଟ୍ରପତି ଯୋଗ୍‌ଦେବେ । ସେନୁ ଦୁଇପହରର୍ ୧ ବାଜିକରି ୪୫ ମିନିଟ୍‌ଥି ଝାର୍‌ସୁଗୁଡ଼ା ଆସିକରି ଆନ୍ଧ୍ରପ୍ରଦେଶ୍ ଯିବେ ।

କୋହୋର୍ଟ କନେକ୍ଟ        ପି.ଆଇ.ବି.

୨୦୪୭ ମସିହା ତକ ବିକଶିତ ଭାରତ୍ ଲକ୍ଷ୍ୟ ହାସଲ୍ କର୍‌ବାର୍ ଲାଗି ଦେଶର୍ ସବୁ ନାଗରିକଙ୍କର୍ ସ୍ୱାସ୍ଥ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବା ବଲି କେନ୍ଦ୍ର ବିଜ୍ଞାନ ଆଉ ପଯୁକ୍ତି ରାଷ୍ଟ୍ରମନ୍ତ୍ରୀ ଡକ୍ଟର୍ ଜିତେନ୍ଦ୍ର ସିଂ କହିଛନ୍ । ଭୁବ୍‌ନେଶ୍ୱର୍ ସି.ଏସ୍.ଆଇ.ଆର୍. - ଆଇଏମ୍‌ଏମ୍‌ଟି ଠାନେ ଜାତୀୟ

ସମ୍ମିଲନୀ କୋହୋର୍ଟ କନେକ୍ଟକେ ଉଦ୍‌ଘାଟନ୍ କରିକରି କେନ୍ଦ୍ରମନ୍ତ୍ରୀ ଡକ୍ଟର୍ ସିଂ ସ୍ୱାସ୍ଥ୍ୟକ୍ଷେତ୍ରଥି ଭାରତ୍‌କେ ଇହାଦେ ନିଦାନ୍ ଆଧାରିତ୍ ଦୀର୍ଘକାଳୀନ ସ୍ୱତନ୍ତ୍ର ରଣନୀତି ତିଆର୍ କର୍‌ବାର୍‌କେ ହେବା ବଲି କହିଛନ୍ ।

ବିଶ୍ୱ ଶକ୍ତିନେତା ସମ୍ମିଳନୀ I&PR

ପୁରୀ ନ ଆଏବା ମାସର ୫ନୁ ୭ ତାରିଖ୍‌ତକ୍ ବିଶ୍ୱ ଶକ୍ତିନେତା ସମ୍ମିଲନୀ ୨୦୨୫ର ଆୟୋଜନ୍ କରାଯିବା । ଭାରତ୍‌ର ଶକ୍ତି ଭବିଷ୍ୟତ୍‌କେ ନେଇକରି ଇ ଅବ୍‌ସରେ ଯୋଜ୍‌ନା ତିଆର୍ କରାଯିବା । କାର୍ଯ୍ୟକ୍ରମ୍‌ଥି କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ସହେତେ ଦେଶ୍‌ବିଦେଶ୍‌ର ଶକ୍ତିମନ୍ତ୍ରୀମାନେ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ଇ କାର୍ଯ୍ୟକ୍ରମ୍‌ର ଲୋଗୋ କେନ୍ଦ୍ର ଶକ୍ତି ଆଉ ଅକ୍ଷୟ ଶକ୍ତି ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ୟୋସୋ ନାୟକ୍ ଆଉ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କର ଉପସ୍ଥିତିଥି ଗଲାକାଏଲ୍ ନୂଆଦିଲ୍ଲୀ ନ ଉନ୍ମୋଚିତ୍ ହେଇଛେ ।

ସୁରଭି- ଉଦ୍‌ଯାପିତ I&PR

ଭୁବ୍‌ନେଶ୍ୱର୍ କେପିଟାଲ୍ ହାଇସ୍କୁଲ୍ ପରିସର୍ ନ ଚାଲିଥିବା ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ୍ -ସୁରଭି- ୨୦୨୫ ଆଏଜ୍ ଉଦ୍‌ଯାପିତ୍ ହେବା । ଉଦ୍‌ଯାପନୀ ସମାରୋହଥି ମୁଖ୍ୟଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଯୋଗ୍ ଦେବେ । ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କର୍ ସହେତେ ଭୁବ୍‌ନେଶ୍ୱର୍ ସାଂସଦ୍ ବିଧାୟକ୍ ଆଉ ଅଲ୍‌ଗାମାନେ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ସମବାୟ ସପ୍ତାହ I&PR

ରାଏଜେ ଆଏଜ୍‌ଠାନୁ ୭୨ ନମ୍ବର ନିଖିଳ ଭାରତ ସମବାୟ ସପ୍ତାହ ମୁଲ୍ ହେଉଛେ । ଆତ୍ମନିର୍ଭର ଭାରତ ଲାଗି ସମବାୟ ଗୁଟେ ମାଧମ ବାର୍ତା ନେଇକରି ଆଏବା ୨୦ ତାରିଖ୍‌ତକ୍ ହେବାର୍‌କେ ଥିବା ସମବାୟ ସପ୍ତାହ ଅବ୍‌ସରେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ମାନ୍ ଆୟୋଜନ୍ କରାଯିବା । ଇ ଅବ୍‌ସରେ ଭୁବନେଶ୍ୱର ନ ସେଂଟ ଯୋଶେଫ୍ ସ୍କୁଲ୍ ରାମମନ୍ଦିର ଛକ୍‌ନୁ ୟୁନିୟନ୍ ଅଫିସ୍ ତକ୍ ସଚେତନତା ଲାଗି ଗୁଟେ ଗଣଦୌଡ଼ କାର୍ଯ୍ୟକ୍ରମ୍ ଆଉ କିଛି ସମିଆ ଉତ୍‌ରୁ ମୁଲ୍ ହେବା ।

ପୂର୍ତ ମନ୍ତ୍ରୀ ସମୀକ୍ଷା I&PR

ପୂର୍ତ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ଭୁବନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଗଲାକାଏଲ୍ ବିଭାଗ୍‌ର ଭିନ୍ ଭିନ୍ ପ୍ରକଳ୍ପର୍ ଅଗ୍ରଗତିର୍ ସମୀକ୍ଷା କରିଛନ୍ । ଇ ଅବ୍‌ସରେ ଜୁନାଗଡ୍ -ରାଉଲ୍‌କେଲା-ନୂଆପଡ଼ା ବାଇପାସ୍ ରୋଡ୍ ସହେତେ ବହୁତ୍‌ଟେ ରାସ୍ତା ପ୍ରକଳ୍ପର୍ ଅଗ୍ରଗତିର୍ ସମୀକ୍ଷା କରିଛନ୍ । ଇତାର୍‌ସହେତେ ରାସ୍ତା ମରାମତି ଆଉ ଦେଖ୍‌ରେଖ୍ ନୀତି ଉପ୍‌ରେ ଆଲୋଚନା କରିଥିଲେ ।

ଶିଶୁଦିବସ ଆର୍‌ଏନ୍‌ୟୁ ସମ୍ବଲପୁର୍

ଦେଶର୍ ଆଘର୍ ପ୍ରଧାନ୍‌ମନ୍ତ୍ରୀ ପଣ୍ଡିତ୍ ଜବାହାର୍‌ଲାଲ୍ ନେହେରୁଙ୍କର୍ ଆଏଜ୍ ୧୩୬ ନମ୍ବର୍ ଜନମ୍‌ଦିନ୍ । ଛୁଆମାନ୍‌କର୍ ଲାଗି ତାଁକର୍ ଶ୍ରଦ୍ଧାକେ ମନେ ରଖ୍‌ବାର୍ ଲାଗି ଫି ବଛର୍ ଆଝିରର୍ ଦିନ୍‌କେ ଶିଶୁଦିବସ୍ ଭାବେ ପାଲନ୍ କରାଯାଏସି । ଜାତିସଂଘର୍ ନିଷ୍ପତି ଅନ୍‌ସାରେ ୧୯୫୬ ମସିହାନୁ ନଭେମ୍ବର୍ ମାସ ୨୦ ତାରିଖ୍‌କେ ବିଶ୍ୱ ଶିଶୁ ଦିବସ୍ ଭାବେ ପାଲନ୍ କରାଯାଉଥିଲା । ହେଲେ ଜବାହାର୍‌ଲାଲ୍ ନେହେରୁଙ୍କର୍ ମୃତ୍ୟୁ ଉତ୍‌ରୁ ଭାରତ୍ ସର୍‌କାର୍‌ଙ୍କର୍ ନିଷ୍ପତି ଅନ୍‌ସାରେ ୧୯୬୪ ମସିହାନୁ ତାଁକର୍ ଜନମ୍‌ଦିନ୍‌କେ ଶିଶୁ ଦିବସ୍ ଭାବେ ପାଲନ୍ କରାଯାଉଛେ ।

ବିଶ୍ୱ ମଧୁମେହ ଦିବସ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏଜ୍ ହେଉଛେ ବିଶ୍ୱ ମଧୁମେହ ଦିବସ୍ । ମଧୁମେହ ରୋଗ୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ୨୯୯୧ ମସିହାନୁ ଅନ୍ତର୍ଜାତୀୟ ମଧୁମେହ ସଂଘ ଆଉ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍ ତର୍‌ଫୁ ଫି’ ବଛର୍ ଇ ଦିବସ୍ ପାଲନ୍ କରାଯାଉଛେ । ମଧୁମେହ ରୋଗର୍ ଉପଚାର୍ ଲାଗି ବେଭାର୍ ହଉଥିବା ଇନ୍‌ସୁଲିନ୍‌କେ ୧୯୨୧ ମସିହାଥି ବୈଜ୍ଞାନିକ୍ ସାର୍ ଫ୍ରେଡିକ୍ ବେଂଟିଙ୍ଗ୍ ଉଭାବନ କରିଥିଲେ । ତାଙ୍କର୍ ଜନମ୍‌ଦିନ୍‌କେ ସୁର୍‌ତା କର୍‌ବାର୍ ଲାଗି ନଭେମ୍ବର୍ ୧୪ ତାରିଖ୍ ଦିନ ବିଶ୍ୱ ମଧୁମେହ ଦିବସ୍ ପାଲନ୍ କରାଯାଉଛେ । ଇ ବଛର୍ ଇ ଦିବସ୍‌ର ବାର୍ତା ରହିଛେ ‘ଜୀବନ୍‌ର ଭିନ୍ ଭିନ୍ ସମିଆଥି ମଧୁମେହ’ ।